# ପ୍ରଚାର ଡ଼ାଏରୀ

**ତା.୨୭.୦୪.୨୦୧୪**

**ଅରୁଣ ଜେଟଲୀ**

**ବିରୋଧୀ ଦଳର ନେତା, ରାଜ୍ୟସଭା**

ଆଗାମୀ ନିର୍ବାଚନରେ କଂଗ୍ରେସ ପାର୍ଟି ମାତ୍ର ଦୁଇ ଅଙ୍କ ବିଶିଷ୍ଟ ଆସନରେ ସୀମିତ ହୋଇଯିବାର ସତ୍ୟତାକୁ ଗ୍ରହଣ ନକରି ଆଜି କଂଗ୍ରେସ ପାର୍ଟି ବଡ଼ ଦ୍ୱନ୍ଦ୍ୱରେ ପଡ଼ିଯାଇଛି । ହେଲେ ତାକୁ ସତ୍ୟତାକୁ ସ୍ୱୀକାର କରି ଭବିଷ୍ୟତ ପାଇଁ ଚିନ୍ତା କରିବାକୁ ହେବ । କାରଣ ରାଜନୀତିରେ କେବେ ଶେଷ ତାରିଖ ନଥାଏ । କିନ୍ତୁ କିଛି କଂଗ୍ରେସ ସଦସ୍ୟଙ୍କ ଧାରଣା ସେମାନଙ୍କର ଜନ୍ମ ହୋଇଛି ଦେଶକୁ ଶାସନ କରିବାକୁ । ସେମାନେ ଅନ୍ୟ କାହାରିକୁ  ଦେଶ ଶାସନ କରିବା କଥା ଚିନ୍ତା ମଧ୍ୟ କରି ପାରନ୍ତିନାହିଁ । ବିଶେଷ କରି ନରେନ୍ଦ୍ର ମୋଦିଙ୍କୁ । ଏଭଳି ମାନସିକତା ମଧ୍ୟରେ ରହି ଦୀର୍ଘ ୧୨ ବର୍ଷ ଧରି ସେମାନେ ନରେନ୍ଦ୍ର ମୋଦିଙ୍କ ବିରୋଧରେ ମିଥ୍ୟା ଆରୋପମାନ ଲଗାଇ ଚାଲିଥିଲେ ।

ସଲମନ ଖୁସିଦ ଯେତେବେଳେ କଂଗ୍ରେସ ତୃତୀୟ ମୋର୍ଚ୍ଚାକୁ ସମର୍ଥନ ଦେଇ ପାରନ୍ତି ବୋଲି  ଚିନ୍ତା କରୁଛନ୍ତି ପ୍ରକାଶ କରିଛନ୍ତି ସେତେବେଳେ ଏକ ପକ୍ଷରେ ସେ ନିଜର ହାରକୁ ସ୍ୱୀକାର କରି ସାରିଛନ୍ତି ବୋଲି କୁହାଯାଇପାରେ । ହେଲେ ଦେଶର ଭୋଟର ମାନଙ୍କୁ କଂଗ୍ରେସ ବା ତୃତୀୟ ସାମ୍ମୁଖ୍ୟକୁ ଭୋଟ ଦେବା ପୂର୍ବରୁ ଉକ୍ତ ବିଷୟ ନେଇ ଚିନ୍ତା କରିବାକୁ ହେବ । କାରଣ ଏଭଳି ସରକାର ତିଷ୍ଠି ରହିବା ଇତିହାସରେ କେବେ ମଧ୍ୟ ଦେଖା ଦେଇନାହିଁ । ଏକାଠି ସରକାର ଗଠନ କରିବାକୁ କିଛି ସାମଞ୍ଜସ୍ୟ ଥିବା ନୀତି ଓ ଆଦର୍ଶର ଆବଶ୍ୟକତା ରହିଛି । ଯାହାକି ସେମାନଙ୍କ ପାଖରେ ଆଦୌ ନାହିଁ । ତେଣୁ ମୋର ବିଶ୍ୱାସ ଭୋଟର ମାନେ କେବଳ କଂଗ୍ରେସକୁ ହରାଇବେ ନାହିଁ ବରଂ ଏଭଳି ଅସ୍ଥିର ସରକାର ଗଠନ ଠାରୁ ଦେଶକୁ ନିହାତି ଭାବରେ ମୁକ୍ତ କରିବେ ।

**କ୍ୟାପ୍ଟେନଙ୍କ ପାଖରେ କୌଣସି ଘଟଣା ହିଁ  ନାହିଁ**

ବର୍ତ୍ତମାନ କିଛି ଘଟଣାକୁ କେନ୍ଦ୍ର କରି ଗଣମାଧ୍ୟମ କ୍ୟାପ୍ଟେନ ଅମରେନ୍ଦ୍ର ସିଂହଙ୍କ ନିର୍ବାଚନ ଲଢ଼େଇ ନେଇ ଦକ୍ଷତା ସମ୍ପର୍କରେ ଆଲୋକପାତ କରିଛନ୍ତି । ହେଲେ ବର୍ତ୍ତମାନ କ୍ୟାପ୍ଟେନ ସାହେବ ନିଜେ ନିଜର ଦୁର୍ବଳତାକୁ ପ୍ରକାଶ କରିଛନ୍ତି । ସେ ଜାତୀୟ ସମସ୍ୟା ଗୁଡ଼ିକୁ ଆଲୋଚନା କରିବାକୁ ସମ୍ପୂର୍ଣ୍ଣ ଅସମର୍ଥ । କାରଣ ସେ ନିଜ ଭାଷଣରେ ବାରମ୍ବାର କରି ଦୁଇ ତିନୋଟି ବିଷୟ ଉପରେ ହିଁ କହୁଛନ୍ତି । ଯେଉଁଥିରେ ବର୍ତ୍ତମାନର ରାଜନୈତିକ ବାତାବରଣ ବା ଲୋକସଭା ନିର୍ବାଚନ ପ୍ରସଙ୍ଗ ନେଇ କୌଣସି ସାମଞ୍ଜସ୍ୟ ଥିବାର ଲକ୍ଷ୍ୟ କରାଯାଏ ନାହିଁ । ସେ କେବଳ କିଛି ଅନୁବାଦକୁ ଦୋହରାଇବା ସହ ଏକ ନିରସ ପ୍ରଚାର କରୁଛନ୍ତି କହିଲେ ଭୁଲ ହେବନାହିଁ ।

ସେ ଆହୁରି ମଧ୍ୟ ଅଭିଯୋଗ କରନ୍ତି କି ମୋ ପାଇଁ ବଡ଼ ବଡ଼ ବ୍ୟକ୍ତିତ୍ୱ ସମ୍ପର୍ଣ୍ଣ ଲୋକମାନେ ପ୍ରଚାର କରିବାକୁ ଆସୁଛନ୍ତି । ଏହା ସତ୍ୟ । ମୋ ପ୍ରଚାରରେ ମୋର ବହୁ ସଂଖ୍ୟକ ପରିବାରର ସଦସ୍ୟ, ରାଜନୈତିକ ବନ୍ଧୁଗଣ, ନେତୃବୃନ୍ଦ ତଥା ସହକର୍ମୀମାନେ ଆସୁଛନ୍ତି । ତେବେ କଂଗ୍ରେସର ବରିଷ୍ଠ ନେତାମାନେ କ୍ୟାପ୍ଟେନଙ୍କ ପାଇଁ ପ୍ରଚାର କରିବାକୁ ଆସୁନାହାନ୍ତି କାହିଁକି ? କେବଳ ଆନନ୍ଦ ଶର୍ମା ଯଥା ସାଧ୍ୟ ତାଙ୍କ ପ୍ରଚାର କାର୍ଯ୍ୟରେ ଲାଗିଛନ୍ତି ।